# ମୋହନଦାସ କରମଚାନ୍ଦ ଗାଁଧୀ

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ।

ମୂଲ୍ୟ ୬॰ /

Digitized by PPRACHIN, SOA

# ମୋହନ ଦାସ କରମଚାନ୍ଦ ଗାନ୍ଧୀ ।

ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ଅଜ ଓଡ଼ିଶା ଚହିଁଅଛି,
ଣ ଅନେକ ଯୁବକ ତାଙ୍କର ଜୀବନକୁ ମୂଳମନ୍ତ୍ର କରି ନିଜ
ର ଜୀବନ ଗଢ଼ିବା ପାଇଁ ଆଶା କରୁଅଛନ୍ତି ଏବଂ କେହି
ହି ମଧ୍ୟ ନିଜର କ୍ଷୁଦ୍ର ଗଣ୍ଡୀ ମଧ୍ୟରେ ରହି ସୁଦ୍ଧା ସେଥିପାଇଁ
ଚେଷ୍ଟା କରୁଅଛନ୍ତି । ମୁଁ ଏହି ମହାତ୍ମାଙ୍କ ଜୀବନୀ ସଂକ୍ଷେପରେ
ିବ । ସାଧାରଣତଃ ଗାନ୍ଧୀଙ୍କର ବୟସ କେତେ, ପିଲାପିଲି
ନ୍ତି, ସ୍ତ୍ରୀଙ୍କର ବୟସ କେତେ, କଣ ପଢ଼ିଛନ୍ତି, କଣ କରନ୍ତି—
ରୁ ପ୍ରଶ୍ନ ସ୍ୱତଃ ମାନବ ମନରେ ଉଦ୍ଭବ ହୁଏ । ଅତଏବ
ମ୍ଭେ ଏହିସବୁ ପ୍ରଶ୍ନର ଉତ୍ତର ଦେଇଁ, ପରେ ଅନ୍ୟ କଥା ଲେଖିବି ।
ଗାନ୍ଧୀଙ୍କର ବର୍ତ୍ତମାନ ବୟସ ୫୨ ବର୍ଷ । ତାଙ୍କର ଜନ୍ମ ୧୮୬୯
ବେ, ବର୍ତ୍ତମାନ ୧୯୨୧ । ଅତଏବ ୫୨ ବର୍ଷ । ଜନ୍ମ ତାରିଖ
ବର ୨, ଅନବେଶାନ୍ତଙ୍କ ଜନ୍ମ ତାରିଖ ଅକ୍ଟୋବର ୧ ।
ଏବ ଠିକ କହିବାକୁ ଗଲେ, ଗାନ୍ଧୀଙ୍କର ବୟସ ୫୨ ବର୍ଷରୁ
ଉପର ହୋଇଅଛି । କେହି କେହି ପାଠକ, ହୁଏତ,
ଙ୍କର ବିବାହ କେବେ ହୋଇଥିଲା ବୋଲି ଆଗ୍ରହାନ୍ୱିତ ହୋଇ
ନ୍ତି । ସେମାନଙ୍କର ଉକ୍ତ କୌତୁହଳ ଚରିତାର୍ଥ କରିବା ନିମିତ୍ତ
ଅଛି, ଗାନ୍ଧୀଙ୍କର ଯେତେବେଳେ ୧୨ ବର୍ଷ ବୟସ ଅର୍ଥାତ୍ ସେ
ତେବେଳେ ଶ୍ରେଷ୍ଠ ପିଲାଟିଏ, ସେତେବେଳେ ତାଙ୍କର ବିବାହ
ଇଥିଲା । ସେହି ବାର ବର୍ଷ ସମୟର ଶ୍ରେଷ୍ଠ କନ୍ୟାଟି ଅଜ ବନ୍ଧୁ
ର୍ଷ ପାର ହୋଇ ଗାନ୍ଧୀଙ୍କର ପ୍ରୌଢ଼ା ସ୍ତ୍ରୀ (?) ହୋଇ ରହିଅଛନ୍ତି ।

Digitized by PPRACHIN, SOA

ପ୍ରଜାପତିର ନିବନ୍ଧ ଅଛି ବଚନ । ଗାନ୍ଧୀଙ୍କର ସ୍ତ୍ରୀ ଅଛି ତାଙ୍କର ସ୍ତ୍ରୀ ନୁହନ୍ତି, ଅଥବା ଅଛି ଉଚ୍ଚ ଅର୍ଥରେ ସ୍ତ୍ରୀ, ଏପରି କହିବାର କାରଣ ଅଛି । ଗାନ୍ଧୀ ତାଙ୍କର ସ୍ତ୍ରୀ ଏବଂ ଅନ୍ୟାନ୍ୟ କେତେଜଣ ମିଶି ଗୋଟିଏ ଆଶ୍ରମ ଖୋଲିଅଛନ୍ତି, ଉକ୍ତ ଆଶ୍ରମରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ହୁଏ, ଅତଏବ ସେଠାରେ ସମସ୍ତେ ସନ୍ନ୍ୟାସୀ ପରି ବାସ କରନ୍ତି ।

କେହି କେହି ନିଜ ଜୀବନ ସମ୍ବନ୍ଧରେ ଗାନ୍ଧୀଙ୍କର ଜୀବନ ମିଳାଇବାକୁ ଇଚ୍ଛାକରି ଲେଖକଙ୍କୁ ପଚାରି ପାରନ୍ତି ଗାନ୍ଧୀ କେତେ ବୟସରେ ମେଟ୍ରିକୁଲେସନ ପାଶ କରିଥିଲେ ? ସେଥିପାଇଁ ଏଠାରେ କହିବା ଦରକାର ଯେ, ୧୭ ବର୍ଷ ବୟସରେ ସେ ମେଟ୍ରିକୁଲେଶନ ପାଶ କରିଥିଲେ । ଏହାପରେ ଆଉ ଆଇ, ଏ, ବି, ଏ, କିଛି ନାହାନ୍ତି, ବିଲାତରେ ବାରିଷ୍ଟରୀ ପଢିଥିଲେ ।

ଗାନ୍ଧୀଙ୍କର ଗୃହପୁଅ, ଦୁଇପୁଅ ଦକ୍ଷିଣ ଆଫ୍ରିକାରେ ଅଛନ୍ତି, ଯେଉଁଠାରେ ଗାନ୍ଧୀଙ୍କର ଜୀବନର ମହା ପରୀକ୍ଷା ହୋଇଥିଲା ଏବଂ ଯେଉଁଠାରେ ଶେଷରେ ସେ, ପୁରସ୍କାର ସ୍ୱରୂପ, ସ୍ୱର୍ଣ୍ଣମୁକୁଟ ପରିବର୍ତ୍ତେ Ruskin ଙ୍କର କଣ୍ଟକମୟ ଉଜ୍ଜ୍ୱଳ ମୁକୁଟ ପିନ୍ଧିଥିଲେ, ସେହି ଦକ୍ଷିଣ ଆଫ୍ରିକାରେ ଅଛନ୍ତି । ସେମାନେ ଦେଖିବାକୁ କିପରି ମୁଁ କହିପାରିବି ନାହିଁ । କାରଣ ସେମାନଙ୍କୁ କେବେହେଁ ଦେଖି ନାହିଁ । ଆଉ ତୃତୀୟ ପୁତ୍ରଟି କଲିକତାରେ ଗୋକୁଳ ଦାସ ବଣିକର ମିଲରେ କଣ କାର୍ଯ୍ୟ କରନ୍ତି । ସାନଟିକୁ ମୁଁ ଅହମଦାବାଦରେ ଦେଖିଥିଲି । ବୟସ ପ୍ରାୟ ୧୪।୧୫ ବର୍ଷ । ଖୁବ୍ ସୁନ୍ଦର ଗଠନ, ଦେହରେ କୋଟିଏ ପରମ କାନ୍ତି ଅଛି, ଯୌବନରେ ପ୍ରବେଶ କରୁଅଛି ବୋଲି ବେଶ ବୋଧ ହେଉଅଛି । ଈଶ୍ୱର ତାହାର ସାଧନାରେ ସହାୟ ହେଉନ୍ତୁ । ଗାନ୍ଧୀଙ୍କର ସ୍ତ୍ରୀଙ୍କର ଚେହେରା ଦେଖିବାକୁ ମନ୍ଦ ନୁହେଁ; ଦେହର କାନ୍ତି ଗୌରବର୍ଣ୍ଣ, ବୟସ

Digitized by PPRACHIN, SOA

ଗାନ୍ଧୀଙ୍କଠାରୁ ଅଧିକ ପର ବୋଧହେଲା, ଅପରମାନଙ୍କୁ କେତେ ବୋଧହେବ କହି ନ ପାରେ । ଯେତେବେଳେ ମୁଁ ସତ୍ୟାଗ୍ରହାଶ୍ରମକୁ ଯାଇଥିଲି, ସେତେବେଳେ ଗାନ୍ଧୀ କେବଳ ଏକବସ୍ତ୍ର ହୋଇ ବସି ଏକ ଯୁବତୀ ଏବଂ ତାଙ୍କ ସଙ୍ଗରେ ଏକ ପୁରୁଷକୁ ଗୃହସ୍ଥାଶ୍ରମ ସମ୍ବନ୍ଧରେ ଉପଦେଶ ଦେଉଥାନ୍ତି । ଯେଉଁ ଯୁବତୀଟିର କଥା କହିଲି, ସେ ଖୁବ୍ ଭଦ୍ରବଂଶର କନ୍ୟା ବୋଲି ଦେଖାଯାଉଥିଲେ; ମଧ୍ୟ ସେ ଭଦ୍ରବଂଶର ଅଟନ୍ତି । ମୁଁ ଯାଇଁ ଯେତେବେଳେ ପହିଲେ ଗାନ୍ଧୀଙ୍କୁ ନମସ୍କାର କଲି, ସେ କହିଲେ "ବସ", ମୁଁ ସେଠାରେ ବସିଲି । ପ୍ରାୟ ଅର୍ଦ୍ଧଘଣ୍ଟାରେ ଉପଦେଶ ଶେଷ ହେଲା, ସେମାନେ ଗଲେ, ଗାନ୍ଧୀ ମୋତେ ପଚାରିଲେ, କେଉଁ ଆଡୁ ଆସିଲେ ? ମୁଁ କହିଲି, ମୁଁ ଭାରତ ସେବକ ସମିତିରୁ ଆସିଅଛି । ସେ ଆନନ୍ଦିତ ହେଲେ ଏବଂ କହିଲେ ଗାଧୁଆ ପାଧୁଆ କରନ୍ତୁ ଏବଂ ପଚାରିଲେ ମୋର ଲୁଗା ଅଛି କି ? ମୋ ହାତରେ ଗୋଟିଏ ଟ୍ରଙ୍କ ବ୍ୟାଗ ଥାଏ । ତାକୁ ସେ ଦେଖି ନ ଥିଲେ । ମୁଁ କହିଲି "ମୋର ଲୁଗା ଅଛି ।" ସେ କହିଲେ "ନା ଯଦି ଲୁଗା ନଥାଏ ତାହାହେଲେ ମୁଁ ଖଣ୍ଡିଏ ଦେଉଅଛି ପିନ୍ଧନ୍ତୁ ।"

ଆଜ୍ଞା ଏ ବିଷୟ ଅଧିକ କହିବାର ଲାଭ ନାହିଁ କାରଣ ଏହା ବ୍ୟକ୍ତିଗତ ଏବଂ କେହି କେହି ପାଠକ ଏହାକୁ ଭଲ ପାଇବେ ନାହିଁ । କେବଳ ଏତିକି ଗୋଟିଏ କଥା କହିବା ଦରକାର ମନେ କରୁଅଛି, ଗାନ୍ଧୀଙ୍କୁ ଯେତେବେଳେ ଦେଖିଥିଲି ସେତେବେଳେ ଏହି ମହାତ୍ମା ଗାନ୍ଧୀ ବୋଲି ଚିହ୍ନିପାରି ନ ଥିଲି—ଏତେ ସରଳ ଏବଂ ଚାଷୀଲୋକ ପରି, ସେ ସେଠାରୁ ତାଙ୍କୁ ଚିହ୍ନି ହେବ ନାହିଁ ଫଟୋରୁ ଆଗକାର ଫଟୋ ସହିତରେ ବର୍ତ୍ତମାନ ଚେହାରାର ସେତେ ସାଦୃଶ୍ୟ ନାହିଁ ।

ଗାନ୍ଧୀଙ୍କ ସ୍ତ୍ରୀ ସେତେବେଳେ ରୋଷେଇଘରେ ରୋଷେଇ କରୁଥିଲେ—ରୁଟି ବେଲୁଥିଲେ । ତାଙ୍କ ସଙ୍ଗରେ ଆଉ ଗୋଟିଏ ସ୍ତ୍ରୀ ଏବଂ ଅନ୍ୟ ଜଣେ ଯୁବକଟି ପୁରୁଷ-ସାହାଯ୍ୟକାରୀ ଥିଲେ ।

Digitized by PPRACHIN, SOA

ଏହି ତ ଗଳ୍ପ ସାଧାରଣ କଥା । ବର୍ତ୍ତମାନ ଦେଖାଯାଉ ଗାନ୍ଧୀଙ୍କର କେଉଁ ଗୁଣ ଲାଗି ଆଜ କେବଳ ଭାରତବାସୀ ନୁହେଁ ଅନେକ ସାହେବ ମଧ ମୁଗ୍ଧ ? ଏହା ଆଲୋଚନା କରିବାକୁ ହେଲେ ତାଙ୍କର ବାଲ୍ୟକାଳ ଟିକଏ ଆଲୋଚନା କରିବାର ଦରକାର । ଗାନ୍ଧୀ ବ୍ରାହ୍ମଣ ନୁହନ୍ତି, କ୍ଷତ୍ରିୟ ନୁହନ୍ତି । ସେ ବୈଶ୍ୟ ବଣିଆ, ସୌଦାଗର ଶ୍ରେଣୀର । ତାଙ୍କର ପିତା ଦେଓ୍ୱାନ ଥିଲେ, ଉଚ୍ଚପଦସ୍ଥ । ଗାନ୍ଧୀ ମଧ ବାରିଷ୍ଟର ହୋଇ ଅନେକ ଟଙ୍କା ରୋଜଗାର କରୁଥିଲେ କିନ୍ତୁ ଆଜ ସେ କାଞ୍ଚନର ମାୟା ପରିତ୍ୟାଗ କରିଅଛନ୍ତି । କାମିନୀର ମାୟା ପରିତ୍ୟାଗ କରିଅଛନ୍ତି । ରାମକୃଷ୍ଣ ପରମହଂସ ଯେଉଁ କାମିନୀ କାଞ୍ଚନ କଥା ଏତେଥର କହି ଯାଇଅଛନ୍ତି, ସେହି ମାୟା ସେ ଏତେ ସହଜେ କାଟି ପାରିଅଛନ୍ତି । ସହଜରେ କି ଏହି ମାୟା କାଟି ହୁଏ ? ବାଲ୍ୟାବସ୍ଥାରୁ ସେହିପରି ବଂଶରେ ଜନ୍ମି, ବଢ଼ି ବୁଢ଼ା ଏତେ ଦେଶରେ ତାଙ୍କର ମୋହ ଭାଙ୍ଗିଲା । ଆମ୍ଭମାନଙ୍କର ମୋହ କି ସହଜରେ ଭାଙ୍ଗିବ ? ଗାନ୍ଧୀ ଯେତେବେଳେ ୧୭ ବର୍ଷରେ ମେଟ୍ରିକ୍ୟୁଲେଶନ ପାଶକରି ବିଲାତରେ ବାରିଷ୍ଟରୀ ପଢ଼ିବାକୁ ବାହାରିଲେ ସେତେବେଳେ ତାଙ୍କର ମାତା ତାଙ୍କୁ ବିଲାତ ପଠାଇବାପାଇଁ ନିତାନ୍ତ ଅନିଚ୍ଛୁକ ଥିଲେ କିନ୍ତୁ ଶେଷରେ ଗାନ୍ଧୀଙ୍କର ଜିଦ୍ ଦେଖି କହିଲେ "ଅଚ୍ଛା, ଯିବୁ ଯା, କିନ୍ତୁ ଶପଥ କରି ଯା, ମଦ୍ୟ, ମାଂସ ଏବଂ ସ୍ତ୍ରୀ—ଏହି ତିନୋଟି ଜିନିଷ ଛୁଇଁବୁ ନାହିଁ । ଗାନ୍ଧୀ ଏହି ପ୍ରତିଜ୍ଞା କରିଥିଲେ ଏବଂ ଯେବେ ଇଂଲଣ୍ଡରେ କୌଣସି ସ୍ଥାନରେ ନିମନ୍ତ୍ରଣ ଖାଇବାକୁ ଯାଇ ମାଂସ ଖାଇବାପାଇଁ ଅନୁରୁଦ୍ଧ ହେବାରୁ ସେ ତାହା ନ ଖାଇବାରୁ ସମସ୍ତେ ବିଦ୍ରୂପ କରିବାକୁ ଲାଗିଲେ, କିନ୍ତୁ ଗାନ୍ଧୀ ନ ଖାଇ ସେଠାରୁ ଉଠି ଚାଲି ଆସିଲେ । ପାଠକ ! ଗାନ୍ଧୀଙ୍କର ଜୀବନରେ ଏହି ମାଂସ ଖାଇବାର ଲାଳସା ବାଲ୍ୟକାଳରେ ଜନ୍ମିଥିଲା ଏବଂ ସେ କେତେକ ବାଲ୍ୟବନ୍ଧୁଙ୍କ ସଙ୍ଗରେ ଏକ ନଦୀକୂଳକୁ ଯାଇ

Digitized by PPRACHIN, SOA

ସେଠାରେ ଲୁଚି ଲୁଚି ଅନେକ ଥର ମାଂସ ଖାଇଥିଲେ । ସେ କହନ୍ତି ଅନ୍ତପର୍ଯ୍ୟନ୍ତ ସେହି କଥା ଭାବିଲେ ଦେହଟା କପର ଥର ଉଠେ । ସେ ଯେ ମାଂସ ଖାଇଥିଲେ ସେଥିପାଇଁ ନୁହେଁ; ମାତ୍ର ସେହି ଲୁଚି ଲୁଚି ଯେ ଏହିପରି ଗୋଟିଏ କାର୍ଯ୍ୟ କରିବା ସେହି ଚତୁରାର ନୀଚତାଟା ଯେପରି ଅନ୍ତପୁଦ୍ଧା ପ୍ରାଣ ଉପରେ ମାଡ଼ି ବସିଅଛି । ଅନ୍ତ ତାଙ୍କର ଜୀବନରେ କୌଣସି ପାପ ପୁଣ୍ୟର ଯୁଦ୍ଧ ଘଟିଅଛି କି ନା ଜାଣେ ନା । ତେବେ ପରବର୍ତ୍ତୀ ବୟସରେ ବ୍ରହ୍ମଚର୍ଯ୍ୟର ଜୀବନ କଟାଇବାରୁ ଜଣା ପଡ଼ୁଅଛି ଯେ ସ୍ତ୍ରୀସଙ୍ଗକୁ ସେ କପର ଗୋଟିଏ ଅପୂରକ କାର୍ଯ୍ୟ ବୋଲି ବୋଧହୁଏ ଅନେକଥର ଭାବିଥିଲେ ଏବଂ ବିରକ୍ତ ହୋଇ ସେ ବୋଧହୁଏ ଜୀବନର ଗତିକୁ ଅନ୍ୟ ପଥରେ ଫେରାଇ ଅଛନ୍ତି । ପ୍ରକୃତ ପବିତ୍ର ପ୍ରେମ ବୋଧହୁଏ ସେ ଏହି ବ୍ରହ୍ମଚର୍ଯ୍ୟର ଜୀବନରେ ପାଇଅଛନ୍ତି । କିନ୍ତୁ ସେଥିପାଇଁ ସେ ବିବାହର ବିରୁଦ୍ଧରେ ନୁହନ୍ତି, ମାତ୍ର ଯେ ପାରିବ ସେ ଅବିବାହିତ ହୋଇ ରହୁ, କିମ୍ବା, ବିବାହିତ ହୋଇ ମଧ୍ୟ ବ୍ରହ୍ମଚାରୀ ହୋଇ ରହୁ । ବିବାହିତ ହୋଇ ବ୍ରହ୍ମଚାରୀ ରହିବା କଥାଟା କପର ଅଡ଼ୁଆ ଅଡ଼ୁଆ ବୋଧ ହେବ, କିନ୍ତୁ ପାଠକେ, ଆମ୍ଭମାନଙ୍କର ସେପରି ଅବସ୍ଥା ଆସିଲେ ଆମ୍ଭେମାନେ ତାହା ହୃଦୟଙ୍ଗମ କରି ପାରିବୁଁ, ନୋହିଲେ ପାରିବୁ ନାହିଁ ।

ତାଙ୍କର ବିଲାତର ଜୀବନ ଟିକିଏ ଏଠାରେ କହିବ ଦେଖେଁ । ଗାଁଧୀ ବିଲାତରେ ଥିବାବେଳେ ପୂରା ସାହେବ ଷ୍ଟାଇଲରେ ପୋଷାକ ପିନ୍ଧୁଥିଲେ, ହାରମୋନିୟମ, ପିଆନୋ ବଜାଇବା, ନାଚ ଶିଖିବା ସବୁ କରୁଥିଲେ । କିନ୍ତୁ ଦେଖିଲେ ଯେ ପାଶ୍ଚାତ୍ୟର ଏହି ସବୁ ଶିକ୍ଷା ଲୋକକୁ ସଭ୍ୟ ଆଖ୍ୟା ପ୍ରଦାନ କରିପାରେ; ମାତ୍ର ହୃଦୟ ଏଥିରେ ତୃପ୍ତି ଲାଭ କରି ପାରିବ ନାହିଁ, ପରମାତ୍ମା ଏଥିରେ ସନ୍ତୁଷ୍ଟ ହେବେ ନାହିଁ । ଯେପରି ସେ ଏହା ଉପଲବ୍ଧି

Digitized by PPRACHIN, SOA

ଲିଟିଲ୍ ସେଣ୍ଟପଲର ଯେ ହାରମୋନିୟମ୍, ପିଆନୋ ବଜାଇବା ନାଚ କରିବା, ସବୁ ଛାଡ଼ିଦେଲେ ।

ଅତଏବ ଦେଖା ଯାଉଅଛି ଯେ ଗାନ୍ଧୀଙ୍କର ଜୀବନରେ ପାଠକଙ୍କର ଆପଣଙ୍କର ଜୀବନପରି ଅନେକ ଘଟନା ଘଟି ଯାଇଅଛି । କିନ୍ତୁ ତଥାପି ଗାନ୍ଧୀ ଏତେ ବଡ଼ କିପରି ହେଲେ ? ତାହାର ଉଦାହରଣ ଦେବ । ଦକ୍ଷିଣ ଅଫ୍ରିକାର ଇତିହାସ ଏହିଠାରୁ ଆରମ୍ଭ କରାଯାଉ । ତେବେ ପାଠକ ସବୁ ବୁଝିପାରିବେ । ତାଙ୍କ ହୃଦୟ ଏବଂ ପାଠକଙ୍କର ହୃଦୟ ମଧ୍ୟରେ ପାର୍ଥକ୍ୟ କେଉଁଠାରେ ? ଏବଂ ଏହା ବୁଝିପାରି ସ୍ୱଏ ତ ସେ ନିଜର ଜୀବନକୁ ଉନ୍ନତ କରି ଗଢ଼ିବାପାଇଁ ଚେଷ୍ଟା ଏବଂ ଯତ୍ନ କରିବେ ।

ଗାନ୍ଧୀ ବିଲାତରୁ ବାରିଷ୍ଟରୀ ପାଶ କରି ଆସି ଦେଖିଲେ ଯେ ତାଙ୍କର ସେହି ଜନନୀଙ୍କର ମୃତ୍ୟୁ ହୋଇଅଛି । ଯେଉଁ ଜନନୀ ତାଙ୍କୁ "ମଦ୍ୟ, ମାଂସ ଏବଂ ସ୍ତ୍ରୀ" ଛୁଇଁବାପାଇଁ ନିଷେଧାଜ୍ଞା କରିଥିଲେ, ସେହି ସ୍ନେହମୟୀ ଜନନୀଙ୍କର ମୃତ୍ୟୁ ହୋଇଅଛି । କିନ୍ତୁ ଗାନ୍ଧୀ ବିଲାତରେ ଥିବାବେଳେ ଏ ଖବର ପାଇ ନାହାନ୍ତି । ତାଙ୍କର ମନରେ କଷ୍ଟ ହେବ ବୋଲି ଏ ଖବର ତାଙ୍କର ପରିବାରବର୍ଗ ସେତେବେଳେ ତାଙ୍କୁ ଜଣାଇ ନ ଥିଲେ । ସେ ସ୍ୱଦେଶକୁ ଗୁଜୁରାଟକୁ ଫେରି ଆସି ଦେଖିଲେ ଯେ ସେହି ମାତାର ଆଉ ମୁଖାବଲୋକନ କରି ପାରିବେ ନାହିଁ । ସେ କାଳର ଅନ୍ତରାଳରେ କେଉଁଠାରେ ଲୁଚି ଯାଇଅଛନ୍ତି । ଏ ସମ୍ବନ୍ଧରେ ତାଙ୍କର ଅନ୍ତରରେ ଯେ କି ଦୁଃଖ ତାହା ପାଠକ ଅନୁଭବ କରନ୍ତୁ, ଚିନ୍ତା କି କରି ହୁଏ ?

ବିଲାତରୁ ଫେରିଆସି ଗାନ୍ଧୀ ଦେଢ଼ବର୍ଷ ହିନ୍ଦୁର ଧର୍ମଶାସ୍ତ୍ର ଏବଂ ଆଇନ ଖୁବ୍ କରି ପଢ଼ିବାକୁ ଲାଗିଲେ । ଏହି ସମୟରେ ତଥା ତାଙ୍କର ଅଦୃଷ୍ଟ ହେଲା ଅଫ୍ରିକା ଯିବାକୁ ହେବ । ଗୁଜୁରାଟର ପୋରବନ୍ଦର ନାମକ ସ୍ଥାନର କୌଣସି ବଣିକର ଦକ୍ଷିଣ ଅଫ୍ରିକା ପ୍ରତିଷ୍ଠାନରେ

Digitized by PPRACHIN, SOA

ବାଣିଜ୍ୟର ଗୋଟିଏ ଶାଖା ଥିଲା । ସେଥିରେ ଅନେକଗୁଡ଼ିଏ ଭାରତବାସିଙ୍କ ଯେଉଁ ଗୋଟିଏ ମୋକଦ୍ଦମା ଉପସ୍ଥିତ ହୁଏ । ସେହି ମୋକଦ୍ଦମା ପ୍ରାୟ ଏକବର୍ଷ ଚଳିବ ଏହିପରି ଆଶଙ୍କା କରାଯାଉଥିଲା । ଗାନ୍ଧୀଙ୍କ ଉକ୍ତ ମୋକଦ୍ଦମାର ଭାରଗ୍ରହଣ କରିବାପାଇଁ ଅନୁରୋଧ କରାଯିବାରୁ ସେ ଆଫ୍ରିକା ଯାତ୍ରା କଲେ ।

ଏହିଠାରୁ ଦାରୁଣ ଦୁଃଖ କଷ୍ଟର ଆରମ୍ଭ । ଏହି ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କର କେତେକ ବର୍ଷ ଜୀବନର ବିଷାଦାତ୍ମକ ନାଟକର ପଞ୍ଚମାଙ୍କ ଅଭିନୀତ ହୋଇଥିଲା । ଯେଉଁ ମୁହୂର୍ତ୍ତରେ ସେ ନେଟାଲରେ ଗୋଡ଼ ଦେଲେ ସେହି ମୁହୂର୍ତ୍ତରୁ ବିପଦ୍ ଏବଂ ଦୁଃଖ ଘନୀଭୂତ ହୋଇ ଆସିଲା । ସେଠାର କଚେରୀ ମଧ୍ୟରେ ପ୍ରବେଶ କଲେ ବାରିଷ୍ଟରଙ୍କ ପାଗ ବାହାର କରିବାପାଇଁ ତାଙ୍କୁ ହୁକୁମ ହେଲା । ଏଥିରେ ସେ ମର୍ମାହତ ହୋଇ କଚେରୀ ଛାଡ଼ି ତତ୍‌କ୍ଷଣାତ୍ ଚାଲିଆସିଲେ । ଏତ ଆରମ୍ଭ ମାତ୍ର । ପରେ ରେଲଗାଡ଼ିରେ ଟ୍ରାନ୍‌ସଭାଲ ଯିବା ସମୟରେ ଗାଡ଼ିର Guard ଅତ୍ୟନ୍ତ ବର୍ବରତାର ସହିତ ତାଙ୍କୁ first କ୍ଲାସ ଗାଡ଼ିରୁ ବାହାର କରିଦେଲେ; ଯଦି ସୁଦ୍ଧା ତାଙ୍କର ଟିକେଟ ଥିଲା । ସେ ପ୍ରଥମରେ ନ ବାହାରିବାରୁ Guard ଏପରି ମାଡ଼ଦେଇଥିଲେ ଯେ ସେ ମୂର୍ଚ୍ଛିତ ହୋଇ platform ରେ ପଡ଼ିଗଲେ । ଗାଡ଼ି ବନ୍ଦ ହୋଇ ରହିଲା । ପରେ ତାଙ୍କର ଚେତନା ହେବାରୁ ତାଙ୍କୁ ଅନ୍ୟ ଶ୍ରେଣୀର ଗାଡ଼ିରେ ବସାଇ ନେଇଗଲେ । ବ୍ରିଟିଶ ରାଜ୍ୟରେ ଏହିପରି କାଣ୍ଡ, ଏହିପରି ଅତ୍ୟାଚାର ହୋଇଥିଲା ପାଠକ ଏକଥା ଭଲକରି ମନରେ ରଖିଥିବେ । ଆଉଥରେ ସେହିପରି ତାଙ୍କୁ ଗାଡ଼ିରୁ ତାଙ୍କର ମାଲ ସହିତ ବାହାର କରିଦେଲେ ଏବଂ ଗାଡ଼ି ବାହାରି ଗଲା । ଆଉଥରେ ପ୍ରିଟୋରିଆକୁ ଗାଡ଼ିରେ ଯିବା ସମୟରେ ଗାର୍ଡ ତାଙ୍କୁ କହିଲା "ସେଠୁଁ ଉଠିଯାଅ । ମୁଁ ସେଠାରେ ବସି Cigarette ଖାଇବି । ଗାନ୍ଧୀ ସେହି ବର୍ବରର କଥା ନ ଶୁଣିବାରୁ ସେ ତାହାଙ୍କୁ

Digitized by PPRACHIN, SOA

ଦୁଇ ଦୁଷି ମାରିଲା । ହାୟ! ହାୟ! ଧର୍ମପ୍ରାଣ ସନ୍ତୁଷ୍ଟ ଗାଁଧୀ ଅପଣ୍ କିଛି କହିଲେ ନାହିଁ ? ଏ ସହ୍ୟଗୁଣ ପ୍ରହ୍ଲାଦ ପାଖରୁ ଅପଣ ଶିଖିଅଛନ୍ତି । ଆମ୍ଭେମାନେ ଶିଖିପାରୁ ନାହୁଁ କାହିଁକି ? ଅଉଥରେ ପ୍ରିଟୋରିଆର ଫୁଟପାଥରେ ବୁଲୁଥିବା ସମୟରେ ଗୋଟିଏ ପୋଲିସ ତାଙ୍କୁ ଗୋଇଠାମାରି ଦୂରକୁ ସରାଇ ଦେଲା । ଗାଁଧୀ ପ୍ରତିଶୋଧ ନେଇ ନାହାନ୍ତି । ପାଠକ! ଗାଁଧୀ ଦୁର୍ବଳ ବୋଲି ଏହିସବୁ ଅନ୍ୟାୟର ପ୍ରତିଶୋଧ ନେଇ ନାହାନ୍ତି, ତାହା ନୁହେଁ । ତାଙ୍କର ଶରୀରରେ ଖୁବ୍ ବଳଥିଲା । ବର୍ତ୍ତମାନ ବୁଢ଼ା ଯଦିଓ ଯଥେଷ୍ଟ ବଳ ଅଛି କିନ୍ତୁ ତାଙ୍କର ଆଦର୍ଶ ତାହା ନୁହେଁ । ତାଙ୍କର ଆଦର୍ଶ ପ୍ରହ୍ଲାଦ । ତାଙ୍କର ଆଦର୍ଶ ନିଷ୍କ୍ରିୟ ପ୍ରତିରୋଧ । ତାଙ୍କର ଆଦର୍ଶ ସତ୍ୟ ପ୍ରତି ଆଗ୍ରହ; ସତ୍ୟାଗ୍ରହ, ଯାହାପାଇଁ ସେ ଅଜ ସତ୍ୟାଗ୍ରହାଶ୍ରମ ସ୍ଥାପନ କରିଅଛନ୍ତି । ଗାଁଧୀ ଜୀବୁ କୁହନ୍ତି, ଯୁଦ୍ଧ କରିବାକୁ ହେଲେ ସେ ଯୁଦ୍ଧରୁ ପରାଙ୍ମୁଖ ହେବେ ନାହିଁ । ଗୋଳାକୁ ଆଲିଙ୍ଗନ କରି ମୃତ୍ୟୁ ସ୍ୱୀକାର କରିବେ । କମାଣର ମୁଖ ମଧ୍ୟକୁ ପ୍ରବେଶ କରି ଗୋଳା ବନ୍ଦ କରିବେ । କିନ୍ତୁ ଅସ୍ତ୍ର ନେଇ କାହାରି ଦେହରେ ଅସ୍ତ୍ରରେଖା ବସାଇବାକୁ ଯିବେ ନାହିଁ । ଅହିଂସା—ତାଙ୍କର ବ୍ରତ । ଏଥିପାଇଁ ଫୁଲ ମଧ୍ୟ ଛିଣ୍ଡାନ୍ତି ନାହିଁ; ଯେପରି କି ତାଙ୍କର କୋମଳ ପ୍ରାଣରେ ମହା ଆଘାତ ଲାଗେ; ଛୁରା ମାତ୍ର ତାଙ୍କୁ ଯେଉଁ ଆଘାତ ଦେଇ ନ ପାରେ, ଗୋଟିଏ ଫୁଲ ଛିଣ୍ଡାଇବାଦ୍ୱାରା ତାଙ୍କର ହୃଦୟରେ ତତୋଧିକ ଆଘାତ ଲାଗେ । ଏହାକୁହିଁ କହନ୍ତି, ପୁଷ୍ପଠାରୁ କୋମଳ ପୁଣି ବଜ୍ରଠାରୁ ମଧ୍ୟ କଠିନ ।

ଯେଉଁ ମୋକଦମାରେ ଆଫ୍ରିକା ଯାଇଥିଲେ ସେହି ମୋକଦ୍ଦମା ଶେଷ ହୋଇଗଲା । ଗାଁଧୀ ଆଫ୍ରିକାରୁ ବିଦାୟ ନେଇ ଆସୁଥିଲେ, ଏହିପରି ସମୟରେ ସ୍ଥାନୀୟ ଏକ ସମ୍ବାଦ ପତ୍ରରେ ପଢ଼ିଲେ ଯେ ଆଫ୍ରିକାରେ Colonial Parliamentର ପ୍ରବର୍ତ୍ତନ ହେବ ଏବଂ ଆଫ୍ରିକାବାସୀ ଭାରତୀୟମାନଙ୍କୁ ସଭ୍ୟ ନିର୍ବାଚନରୁ ବହିଷ୍କୃତ କରାଯିବ ।

Digitized by PPRACHIN, SOA

ଏହା ଶୁଣି ଲକ୍ଷଣି ଗାନ୍ଧୀ ନାଟାଲର Colonial ସେକ୍ରେଟାରୀ ଏବଂ Colonial Parliament କୁ ଅନେକ ଲୋକଙ୍କ ସ୍ୱାକ୍ଷର ଯୁକ୍ତ ଆବେଦନ ପତ୍ରମାନ ପ୍ରେରଣ କଲେ । କିନ୍ତୁ ତଥାପି ସେମାନେ କିଛି କର୍ଣ୍ଣପାତ କଲେ ନାହିଁ । ତେଣୁକରି ସେ ଆଫ୍ରିକାର ଭାରତ ବାସିମାନଙ୍କୁ କହିଲେ, ଆପଣମାନେ ସବୁବେଳେ ଏହି ସବୁ ବିଷୟ ଉପରେ ଦୃଷ୍ଟି ରଖି ଥାଆନ୍ତୁ ଏବଂ ଏଥିପାଇଁ ଗୋଟିଏ ଗୋଟିଏ କେନ୍ଦ୍ରସମିତି ଗଠନ କରନ୍ତୁ କିନ୍ତୁ ସେମାନେ କହିଲେ, ଆପଣ ନ ରହିଲେ ଏ ସବୁ ବିଷୟ କିଛି ଏଠାରେ ହୋଇପାରିବ ନାହିଁ, ସୁତରାଂ ଗାନ୍ଧୀଙ୍କୁ ଅଗତ୍ୟା ସେଠାରେ ରହିବାକୁ ହେଲା । ସେଠାରେ ରହି ନେଟାଲର Supreme Court ରେ ପ୍ରାକ୍‌ଟିସ କରିବାକୁ ଲାଗିଲେ । ପ୍ରଥମେ ତାଙ୍କର କଳା ଚମଡ଼ା ଯୋଗୁଁ ତାଙ୍କୁ ସେଠାରେ ପ୍ରାକ୍‌ଟିସ କରିବାକୁ ଦେଉ ନ ଥିଲେ, ଏବଂ ଅନେକ ଆପତ୍ତି ଉତ୍ଥାପନ କରିଥିଲେ ।

ଏହି ସମୟଠାରୁ ଗାନ୍ଧୀଙ୍କ ଜୀବନରେ ସମ୍ପତ୍ତି ଏବଂ ଦରିଦ୍ରତା ଲଢ଼େଇଁଟାକୁ ଧାରଣ କରିବେ, ଏହା ଯେପରି ଏକ ଯୁଦ୍ଧ ଉପସ୍ଥିତ ହେଲା । ସେ ଦକ୍ଷିଣ ଆଫ୍ରିକାର ଭାରତୀୟ ପ୍ରଜାଙ୍କର ନେତୃରକ୍ଷକ ହେଲେ, ବାରିଷ୍ଟରର ସୁଖ ସୌଭାଗ୍ୟକୁ ତୁଚ୍ଛଜ୍ଞାନ କରି ଈଶ୍ୱରଙ୍କ ରାଜ୍ୟରେ ସାମାନ୍ୟ ଶ୍ରମଜୀବୀ ହୋଇ ରହିଲେ ।

୧୮୯୬ ଖ୍ରୀଷ୍ଟାବ୍ଦରେ ( ସେତେବେଳେ ଗାନ୍ଧୀଙ୍କର ବୟସ୨୭ବର୍ଷ) ସେ ତାଙ୍କର ସ୍ତ୍ରୀ ଏବଂ ପିଲାମାନଙ୍କୁ ଦକ୍ଷିଣ ଆଫ୍ରିକାକୁ ନେଇ ଯିବାପାଇଁ ଭାରତକୁ ଆସିଥିଲେ, ଭାରତକୁ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକାସ୍ଥ ଭାରତବାସୀଙ୍କ ଉପରେ ଅତ୍ୟାଚାରର କଥା ଗୋଟିଏ "Open letter" ରେ ପ୍ରକାଶ କଲେ ।

ଏହାପରେ ଦକ୍ଷିଣ ଆଫ୍ରିକାରେ ଭୟଙ୍କର କାଣ୍ଡ ଘଟିଲା ଏବଂ ସେଠାରୁ ତାର ଆସିଲା, ଶୀଘ୍ର ନେଟାଲକୁ ଫେରି ଆସନ୍ତୁ । ସୁତରାଂ ଗାନ୍ଧୀ ଶୀଘ୍ର ନେଟାଲକୁ ଫେରିଗଲେ । ଗାନ୍ଧୀଙ୍କର ନେଟାଲ ଯାତ୍ରା

Digitized by PPRACHIN, SOA

ଆରମ୍ଭର ଦୁଇଦିନ ପରେ ଭାରତ ବର୍ଷରୁ ୭୦୦ ଭାରତୀୟ ଯାତ୍ରୀ ଅଫ୍ରିକା ଯିବାକୁ ଲାଗିଲେ । ଏଥିରେ ଔପନିବେଶିକ ଇଂରେଜମାନେ ନାନା ଭୟ ଦେଖାଇବାକୁ ଲାଗିଲେ କେହି କେହି ତାହାଙ୍କୁ ବଣାକରି ବୁଡ଼ାଇ ଦେବା ପାଇଁ ପରାମର୍ଶ ଦେଲେ । ଅବଶେଷରେ ଗାନ୍ଧୀଙ୍କ ପାଖକୁ ଖବର ଆସିଲା ଯେ ସେମାନେ ଦକ୍ଷିଣ ଅଫ୍ରିକାରେ ପଦାର୍ପଣ କଲେ ବିଷମ କାଣ୍ଡ ଘଟିବ । ଗାନ୍ଧୀ କିଛି ନ ଶୁଣି, ଅନ୍ୟାନ୍ୟ ବନ୍ଧୁଙ୍କ ସହିତରେ କୂଳରେ ଉପନୀତ ହେଲେ ଏହା ଆଗରୁ ସେ ସ୍ତ୍ରୀ ଏବଂ ପିଲାମାନଙ୍କୁ ଗୋଟିଏ ବନ୍ଧୁଘରକୁ ପଠାଇ ଦେଇଥିଲେ । ଗାନ୍ଧୀଙ୍କୁ ଦେଖି ଏତେ ଲୋକ ଭିଡ଼ ହୋଇଥିଲା ଯେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କର ଭୟ ହୋଇଥିଲା ଯେ ସେମାନେ କାଳେ ଉନ୍ମତ୍ତ ହୋଇ ଘରେ ନିଆଁ ଲଗାଇ ଦେବେ । ଗାନ୍ଧୀଙ୍କୁ ମାରି ପକାଇବା ପାଇଁ ଅନେକ ଶତ୍ରୁ ଚେଷ୍ଟା କଲେ, କିନ୍ତୁ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ସ୍ତ୍ରୀ ତାଙ୍କୁ ପୋଲିସ ବେଶ କରାଇ ପୋଲିସ ଷ୍ଟେସନକୁ ନେଇ ଚାଲିଗଲେ ଏବଂ ଏହାପରେ ଲୋକ ଭିଡ ମଧ କମିଗଲା ।

୧୮୯୯ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ଗାନ୍ଧୀଙ୍କର ୩୦ ବର୍ଷ ବୟଃକ୍ରମ ସମୟରେ ଅଫ୍ରିକାରେ ବୁଅର ଯୁଦ୍ଧ ଆରମ୍ଭ ହେଲା । ଏହିସମୟରେ ଗାନ୍ଧୀ ବିଚକ୍ଷଣତାର ସହିତ ଭାରତୀୟ ସ୍ୱେଚ୍ଛା ସେବକ ଦଳ ଗଠନ କରି ବ୍ରିଟିଶଙ୍କୁ ସାହାଯ୍ୟ କଲେ, ପରେ ୧୦୦୦ ଲୋକ ନେଇଗୋଟିଏ Ambulance Crops ଗଠନକଲେ । ଏମାନେ ବ୍ରିଟିଶକୁ ଅନେକ ସାହାଯ୍ୟ କରିଥିଲେ । ଗାନ୍ଧୀ ନିଜେ ମଧ ଜଣେ ସ୍ୱେଚ୍ଛା ସେବକ ଥିଲେ । ସେ ଅଗ୍ନି ଗୋଳାଗୁଳିଠାରୁ ଦୂରରେ ରହିବା ପାଇଁ ଘରେ କୃପଣର ସେ ରହି ନ ଥିଲେ । ଏହାକୁହିଁ କହନ୍ତି ନେତୃତ୍ୱ । ସଙ୍କଟକୁ ଯିଏ ଆପେ ବରଣ କରିବ, ତେବେ ଯାଇଁ ନେତା ହେବାକୁ ଇଚ୍ଛା କରିବ । ଏଥିରେ ଅନେକ ଖ୍ରୀଷ୍ଟୀୟଙ୍କର

Digitized by PPRACHIN, SOA

ମୂର୍ତ୍ତି ଘଟିଥିଲା । ଯେଉଁ ସବୁ ଯୁବକ ଏବଂ ପ୍ରୌଢ ସ୍ୱେଚ୍ଛା ସେବକ ମରିଥିଲେ, ସେମାନଙ୍କ ନାମରେ ଦକ୍ଷିଣ ଆଫ୍ରିକାରେ ଗୋଟିଏ କୀର୍ତ୍ତିସ୍ତମ୍ଭ ନିର୍ମିତ ହେଲା ।

ଯୁଦ୍ଧରେ ବ୍ରିଟିଶ ପକ୍ଷର ଜୟ ହେଲା, ଟ୍ରାନ୍ସଭାଲ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ଯୁଦ୍ଧର କାରଣମାନଙ୍କ ମଧ୍ୟରୁ ଗୋଟିଏ କାରଣ ଏହି ଥିଲା ଯେ ଭାରତବାସୀମାନଙ୍କ ଅତ୍ୟାଚାର ବଢ଼ିଥିବାରୁ, ଅମ୍ଭେମାନେ (ଇଂରେଜମାନେ) ବୁଅରମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଅଛୁଁ । ଯୁଦ୍ଧର କାରଣମାନଙ୍କ ମଧ୍ୟରୁ ଏହି ଗୋଟିଏ କାରଣ ଥିବାରୁ ଗାନ୍ଧୀ ଆଶା କଲେ ଯେ ଏଥର ଭାରତୀୟଙ୍କ ଦୁର୍ଦ୍ଦଶା ଆସି ଘୁଞ୍ଚିବ, ସୁତରାଂ ସେ ଭାରତବର୍ଷକୁ ଫେରି ଆସିଥିଲେ କିନ୍ତୁ ଆଶା କୁହୁକିନୀ, ଦୁର୍ଦ୍ଦଶା ଘୁଞ୍ଚିବା ପରିବର୍ତ୍ତେ ନୂତନ ଶାସନରେ ଦୁର୍ଦ୍ଦଶାର ବୃଦ୍ଧି ହେବାକୁ ଲାଗିଲା । ଧନ୍ୟ ବ୍ରିଟିଶ ଗଭର୍ଣ୍ଣମେଣ୍ଟ । କୁଶାସନର ଆରମ୍ଭ ହେଲା । ଏସିଆବାସୀଙ୍କୁ ଗୋଟିଏ ପୃଥକ୍ ଶାସନରେ ରଖିବା ପାଇଁ ନୂତନ ଗଭର୍ଣ୍ଣମେଣ୍ଟ ଏକ ଆଇନ ବିଧିବଦ୍ଧ କଲେ । ସୁତରାଂ ଗାନ୍ଧୀ ପୁଣି ଆଫ୍ରିକାକୁ ଫେରିଗଲେ । ଏଥର ତାଙ୍କର ଆଫ୍ରିକା ଗମନର ଉଦ୍ଦେଶ୍ୟ ଥିଲା । ମିଷ୍ଟର ଯୋସେଫ ଚେମ୍ବରଲେନ ସେତେବେଳେ ଦକ୍ଷିଣ ଆଫ୍ରିକାରେ ଥିଲେ ଏବଂ ଗାନ୍ଧୀଙ୍କ ଅଗ୍ରଣୀତ୍ୱରେ ଗୋଟିଏ ଡେପୁଟେସନ ତାଙ୍କ ପାଖକୁ ଗଲା । ପ୍ରିଟୋରିଆରେ ମଧ୍ୟ ଏହିପରି ଗୋଟିଏ ଡେପୁଟେଶନର ଆୟୋଜନ କରା ହୋଇଥିଲା, କିନ୍ତୁ ଗାନ୍ଧୀଙ୍କୁ ସେଥିରୁ ବହିଷ୍କୃତ କଲେ, ଡେପୁଟେଶନ ଗ୍ରାହ୍ୟ କରାଯିବ ନାହିଁ ବୋଲି ଆଦେଶ ଆସିଥିଲା । ଏହିପରି ଭାବରେ ଗାନ୍ଧୀଙ୍କର ନାନା ସାହେବ କର୍ମଚାରୀଙ୍କ ନିକଟରେ ହନୁହନ ଏଡ଼ାବେଳକେ ବରବର୍ ପ୍ରତ୍ୟୁମାନ ହେବାକୁ ଲାଗିଲା ।

ଏହି ସମୟରେ ଗାନ୍ଧୀ ଗୋଟିଏ ଖବର କାଗଜର ପ୍ରୟୋଜନୀୟତା ଅନୁଭବ କରିବାକୁ ଲାଗିଲେ ଏବଂ ଇଂରେଜୀ, ତାମିଲ, ଗୁଜରାଟ

Digitized by PPRACHIN, SOA

ଏବଂ ହିନ୍ଦୀ ଏବଂ ଗୁଜରଭାଷାରେ “Indian Opinion” ନାମକ ଗୋଟିଏ ଖବର କାଗଜ ପ୍ରକାଶ କଲେ ଏଥିରେ ଗାଁଧୀଙ୍କୁ ହାତରୁ ୩୦ ହଜାର ଟଙ୍କା ଦେବାକୁ ପଡ଼ିଥିଲା । ଆଜି ପର୍ଯ୍ୟନ୍ତ ଉକ୍ତ ପତ୍ରିକା ଚଳୁଅଛି ମାତ୍ର ଅଧେ ଇଂରେଜୀ ଏବଂ ଅଧେ ଗୁଜରାଟିରେ ବାହାରୁଅଛି ।

ଏହିପରି ଭାବରେ କିଛିକାଳ ଚାଲିଗଲା । ଗାଁଧୀ Ruskin ଙ୍କର “Unto this Last” ବହିଖଣ୍ଡିକ ପଢୁଥିଲେ । ପଢୁ ପଢୁ ମନେହେଲା ଯେ ସେ ସହରର ଏହି ଧର୍ମଘମଣ୍ଡ କୋଲାହଳ, ବିବାଦ ଅତ୍ୟାଚାରର ଦୂରରୁ ରହିବାପାଇଁ କୌଣସି ଏକ ଶାନ୍ତିମୟ ପଲ୍ଲୀଗ୍ରାମରେ ବାସ କରିବେ । ଏଥିପାଇଁ ସେ Phoeix ନାମକ ସ୍ଥାନରେ ଜମି ଖରିଦ କରି ପାହାଡ଼ ମୂଳରେ ଗୋଟିଏ ନୂତନ ଆଦର୍ଶ ପଲ୍ଲୀ ରଚନା କରିବାକୁ ଲାଗିଲେ । ସେଠାରେ ସେ ଅନ୍ୟାନ୍ୟ ଗ୍ରାମବାସୀମାଙ୍କୁ ନେଇ ଭୂମି କର୍ଷଣ, ଶସ୍ୟୋତ୍ପାଦନ ପ୍ରଭୃତି କାର୍ଯ୍ୟରେ ବ୍ୟାପୃତ ହେବାକୁ ଲାଗିଲେ । ଏଥିରେ ତାଙ୍କୁ ସର୍ବସ୍ୱାନ୍ତ ହେବାକୁ ହୋଇଥିଲା ।

୧୯୦୬ ଖ୍ରୀଷ୍ଟାବ୍ଦରେ (ଗାଁଧୀଙ୍କର ବୟସ ସେତେବେଳେ ୩୬ ବର୍ଷ) ଟ୍ରାନ୍ସଭାଲର ନୂତନ ଗଭର୍ଣ୍ଣମେଣ୍ଟ ଏକ ଭୀଷଣ ଆଇନ କଲେ । ସମସ୍ତ ଅସିଆବାସୀଙ୍କୁ ଟିପଚିହ୍ନ ଦେବାକୁ ହେବ, ସେମାନେ ସମସ୍ତେ ଅପରାଧୀ ସଙ୍ଗେ ସମାନ । ଗାଁଧୀ ଏବଂ ମିଷ୍ଟର ଅଲି ବିଲାତକୁ ଏଥିପାଇଁ ଗୋଟିଏ ଡେପୁଟେଶନ ନେଇଗଲେ । କିନ୍ତୁ ଫଳ ସେଥିରୁ କିଛି ହେଲା ନାହିଁ । ସରକାରର କମିଟି ବସିଲା, କେତେ କଣ ହେଲା କିନ୍ତୁ ଚକ୍ଷୁ ମେଲା ବସିଲା ନାହିଁ ।

ଏହାପରେ ଗତ୍ୟନ୍ତର ନ ଦେଖି ଗାଁଧୀ ସମସ୍ତଙ୍କୁ ପଚାରିଲେ ବର୍ତ୍ତମାନ କଣ କରିବ ? ନାମ ରେଜେଷ୍ଟରୀ କରି ଦଣ୍ଡିତ ଅପରାଧୀ ବ୍ୟକ୍ତି ସହିତରେ ସମାନ ହୋଇ ରହିବ, ବା ଆତ୍ମସମ୍ମାନ ରକ୍ଷା କରିବ ? ପରେ Passive Resistance ର ସୂତ୍ରପାତ ହେଲା ।

Digitized by PPRACHIN, SOA

ଟେଲଟେଲୋକ ଜେଲଗଲେ, କେତେ ଅତ୍ୟାଚାର ସହ୍ୟ କଲେ କିନ୍ତୁ, ତଥାପି ଅନ୍ୟାୟ ଆଇନକୁ ଶିରୋଧାର୍ଯ୍ୟ କରି ପାରିଲେ ନାହିଁ । ଗାଁଧୀଙ୍କୁ ପ୍ରଥମେ ଦୁଇମାସ ଜେଲ ହେଲା । ଗାଁଧୀ ଏହି ସମୟରେ କଚେରୀରେ, ବିଚାର ସମୟରେ କହିଥିଲେ ମୋତେ ସମସ୍ତଙ୍କଠାରୁ ଅଧିକ ଦଣ୍ଡ ଦେବା ଉଚିତ, କାରଣ ମୁଁ ଏହି ସମସ୍ତ ବିଦ୍ରୋହର କାରଣ । ପାଠକ ! ଗାଁଧୀଙ୍କର ମହତ୍ୱ ଉପଲବ୍ଧି କଲ କି ? ପରେ ଜେଲରେ ତାଙ୍କୁ ମେହେନ୍ତରର କାର୍ଯ୍ୟ କରିବାକୁ ହୋଇଥିଲା । ମଇଳା ସଫା କରିବାକୁ ହୋଇଥିଲା; ସେ ସବୁ ହସି ହସି କରି ଯାଉଥିଲେ । ଏପରି କେ ପାରେ ? ଯେ ପାରେ ସେହି ମହାନ୍, ସେହି ମହାତ୍ମା, ସେହି ଦେଶର ନେତା ।

ପରେ General Smuts ଗାଁଧୀଙ୍କୁ କହିଲେ ଯଦି ଭାରତୀୟମାନେ ସ୍ୱଇଚ୍ଛାରେ ଅଧି ନାମ ରେଜିଷ୍ଟ୍ରୀ କରି ଦେଇ ଯାନ୍ତି ତାହାହେଲେ, ଏହି ଆଇନ ରଦ କରି ଦିଆଯିବ । ସେମାନଙ୍କ ବଡ଼ାଯୁ ରହିଲେ, ଏହି ଆଇନ କଦାପି ରଦକରି ହେବ ନାହିଁ । ଏଥିରେ ଗାଁଧୀ ସମ୍ମତ ହୋଇ ନିଜେ ଉଦାହରଣ ଦେଖାଇବାପାଇଁ ନାମ ରେଜିଷ୍ଟ୍ରୀ କରିବାପାଇଁ ଅଫିସକୁ ଗଲେ । ଏହା ଦେଖି ଗୋଟିଏ ପଠାଣ ମନେକଲା ଗାଁଧୀ ଭୀରୁତାର ପରିଚୟ ଦେଉଅଛନ୍ତି । ସୁତରାଂ ଗାଁଧୀ Registration ଅଫିସକୁ ଯିବା ବାଟରେ ସେହି ପଠାଣ ଗାଁଧୀଙ୍କୁ ଏପରି ଆଘାତ କଲା ଯେ ସେ ସେହିସ୍ଥଳରେ ସଂଜ୍ଞା ହରାଇ ଭୂଶାୟିତ ହେଲେ । ପରେ ତାଙ୍କର ବନ୍ଧୁମାନେ ଯେତେବେଳେ କହିଲେ ସେହି ପଠାଣକୁ ଦଣ୍ଡ ଦିଆଯିବ, ସେ କହିଲେ ନା ସେ ଯାହା ଠିକ ବୁଝିଥିଲା, ତାହା କରିଅଛି ।

ଗାଁଧୀ ନାମ ରେଜିଷ୍ଟ୍ରୀ କଲେ କିନ୍ତୁ Smuts ସାହେବ ପ୍ରତିଜ୍ଞା ଭଙ୍ଗ କଲେ, ଉକ୍ତ ଜଘନ୍ୟ ଆଇନ ରଦ କରାଗଲା ନାହିଁ, ପୁଣି, Passive Resistance ଆରମ୍ଭ ହେଲା । ପୁଣି ଦଳ ଦଳ

Digitized by PPRACHIN, SOA

ହୋଇ ଜେଲ ଗଲେ । ଗାନ୍ଧୀଙ୍କର ସଶ୍ରମ କାରାବାସର ଦଣ୍ଡ ହେଲା । ମୁକ୍ତିଲାଭପରେ ସେ ପୁଣି ଗୋଟିଏ ଡେପୁଟେଶନରେ ୧୯୦୯ ଖ୍ରୀଷ୍ଟାବ୍ଦରେ ( ଏତେବେଳେ ତାଙ୍କୁ ୪୦ ବର୍ଷ ) ବିଲାତ ଗଲେ କିନ୍ତୁ ଫଳ ହେଲା ନାହିଁ । କେତେଥର ଜେଲ ଗଲେ, କେତେ ବଦ୍ଧ ହୋଇ କେତେ ଦଣ୍ଡ ଭୋଗ କଲେ, କେତେ ଜେଲରେ ବନ୍ଦୀ ଅବସ୍ଥାରେ ପ୍ରାଣତ୍ୟାଗ କଲେ, ଏସବୁ ଭାବିଲେ ଦେହ ଶିହରି ଉଠେ । ଦେଶବାସୀ ପାଇଁ, ନ୍ୟାୟ ପାଇଁ, ତାଙ୍କୁ କେତେ ଅତ୍ୟାଚାର, କେତେ ଅପମାନ କେତେ କଠୋର କାରାବାସ ଭୋଗ କରିବାକୁ ହୋଇଅଛି ତାହା ଆଉ ବର୍ଣ୍ଣନା କରି ହେବନାହିଁ । କାହାର ହୃଦୟ ଏପରି ଅଟଳ ଯେ ସେ ସ୍ଥିରହୋଇ ଏହିସବୁ ପୁଙ୍ଖାନୁପୁଙ୍ଖ ରୂପେ ବର୍ଣ୍ଣନା କରିପାରିବ ?

ଯାହାହେଉ, ଧର୍ମର ଜୟ ଶେଷରେ ହେଲା । କଳା ଭାରତବାସୀ ହୋଇ ଜନ୍ମିବାର ଅପରାଧରୁ ଯେଉଁ ୩ ପାଉଣ୍ଡ ଅର୍ଥାତ୍ ୪୫ ଟଙ୍କା ଟେକ୍ସ ଦେବାକୁ ପଡୁଥିଲା, ତାହା ରଦ କରାଗଲା । ଆଫ୍ରିକାରେ ଭାରତୀୟ ଟିକିଏ ସ୍ୱାଧୀନଭାବରେ ବିଚରଣ କରିବାକୁ ପାଇଲେ, ସେମାନଙ୍କର ବିବାହବିଧି ଗ୍ରହଣ କରାଗଲା । ଏହାପରେ ଭାରତବର୍ଷକୁ ଆସି ସେ ବିହାର ଚମ୍ପାରଣ ଜିଲ୍ଲାର କୃଷକମାନଙ୍କର ଦୁର୍ଦ୍ଦଶା ମୋଚନ କରିଅଛନ୍ତି । ନୀଳକର ଇଂରେଜମାନଙ୍କର ସମସ୍ତ ଅନ୍ୟାୟ ଅତ୍ୟାଚାର ମୂଳରେ କୁଠାରାଘାତ ସ୍ୱରୂପ Champaran Agrarian Bill ଆଜି ତାଙ୍କର ଅଦମ୍ୟ ଚେଷ୍ଟାରେ ପାଶ ହୋଇଅଛି । ନୀଳକର ଇଂରେଜମାନେ ଆଜି ସେପରି କାନ୍ଦୁଅଛନ୍ତି । ଅଳ୍ପଦିନ ତଳେ ଏହି ମହାତ୍ମା ଗାନ୍ଧୀ ଅଠଦିନ ଅନଶନ ରହି ୧୦ ହଜାର ଶ୍ରମଜୀବୀଙ୍କର ଦରମା ବଢ଼ାଇ ଦେଇଥିଲେ । କି ଅଦ୍ଭୁତ ଲୋକସେବା । କି ଅଦ୍ଭୁତ ଶକ୍ତି ।

ଶେଷରେ ଆଉ ଜଣଙ୍କର ନାମ ଉଲ୍ଲେଖ କରିବାର ଦରକାର ସେ

Digitized by PPRACHIN, SOA

ହେଉଅଛନ୍ତି ଗୋଖେଲେ । ଏହି ଦକ୍ଷିଣ ଆଫ୍ରିକାର ଲୋକମାନଙ୍କର ସେ ଗାଂଧୀଙ୍କର ଅନେକ ସାହାଯ୍ୟ କରିଥିଲେ ।

ଅଳ୍ପ ଗୋଖେଲେ ମାହାତ୍ମା; ୪୯ ବର୍ଷ ବୟଃକ୍ରମରେ ଇହଧାମ ଛାଡ଼ି ଚାଲିଗଲେ । ଗାଁଧୀଙ୍କୁ ୫୩ ବର୍ଷ ଚାଲିଅଛି । ଈଶ୍ୱର ତାଙ୍କୁ ରକ୍ଷା କରନ୍ତୁ, ଭାରତ ତାଙ୍କଠାରୁ ଅହୁରି ଦୀର୍ଘକାଳ ଶିକ୍ଷା କରୁ । ଗାଂଧୀଙ୍କର ସ୍ତ୍ରୀ ଏବଂ ଗାଂଧୀଙ୍କୁ ବର୍ତ୍ତମାନ ଲେଖକ ଏକସଙ୍ଗରେ ମନମନ୍ଦିର ଅଗ୍ରରେ ସ୍ଥାପନା କରି, ସେମାନଙ୍କର ପଦପ୍ରାନ୍ତରେ କେବଳ ମସ୍ତକ ଅବନତ କରୁଅଛି; ଏ ହତଭାଗ୍ୟ ଆଉ ଅଧିକ କଣ କରିପାରେ ?

Printed by B. S. Das., Mukur Press, Cuttack.

Digitized by PPRACHIN, SOA

Printed by
B. S. Das.
Mukur Press,
CUTTACK

Digitized by PPRACHIN, SOA